The Odisha Gazette

EXTRAORDINARY

PUBLISHED BY AUTHORITY

No. 144 CUTTACK, WEDNESDAY, JANUARY 25, 2017/MAGHA 5, 1938

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 18 ଜାନୁଆରୀ 2017

ସଂଖ୍ୟା 2007—RDM-LAA-MBJ-0096/2016-R&DM.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ବୈଶିଙ୍ଗା ଶାଖା କେନାଲ ନିମନ୍ତେ ମୌଜା ବେତନାସିଆ, ଥାନା ମୋରଡା ନଂ. ୧୦୯, ତହସିଲ ମୋରଡା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 8.62 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପଜିଲ୍ଲାପାଳ, ବାରିପଦା ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ମୟୂରଭଞ୍ଜ | ମୋରଡା | ବେତନାସିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୨୦.୪୧ ଏକର | ୮.୬୨ ଏକର | ଏଥିସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୦.୯୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା ଜାତି ଓ ବାସସ୍ଥାନ |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | ଏକର | ଏକର | | |
| 3 ରୟତି | 225 | 2.10 | 0.24 | ଡାହି ଏକ | କହ୍ନୁ ମହାନ୍ତ, ଶ୍ରୀହରି ମହାନ୍ତ, ପି. ବଡକାଞ୍ଚନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ । |
| 10 ରୟତି | 250 | 1.39 | 0.78 | ଡାହି ଏକ | ଦିବାକର ମହାନ୍ତ, ପି. ଗୋରାଚାନ୍ଦ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 17 ରୟତି | 261 | 0.77 | 0.67 | ଡାହି ଏକ | ଭଗବାନ ମହାନ୍ତ, ଗୋଲାପି ମହାନ୍ତ, ପି. କାଲାଚାନ୍ଦ ମହାନ୍ତ, ମୁଗା ମହାନ୍ତ, ସ୍ୱା. କାଲାଚାନ୍ଦ ମହାନ୍ତ, ପ୍ରେମଚାନ୍ଦ ମହାନ୍ତ, ପି. ବଡରାମ ମହାନ୍ତ, ଜା.କୁଡୁମି, ବା. ଭୋଳାଗଡିଆ । |
| 24 ରୟତି | 244 | 1.30 | 0.80 | ଡାହି ଏକ | ରାମଚନ୍ଦ୍ର ମହାନ୍ତ, ପି. ଶ୍ୟାମଚାନ୍ଦ ମହାନ୍ତ, ପରମେଶ୍ୱର ମହାନ୍ତ, ସରଧା ମହାନ୍ତ, ମାନ ମହାନ୍ତ, ପି. ଗୌରହରି ମହାନ୍ତ, ସାବିତ୍ରୀ ମହାନ୍ତ, ସ୍ୱା. ଗୌରହରି ମହାନ୍ତ, ଜା. କୁଡୁମି, ବା. ନିଜଗାଁ । |
| 25 ରୟତି | 259 | 3.54 | 2.02 | ଡାହି ଏକ | ସାନରାମ ମହାନ୍ତ, ପି. ଦୁବୁରାଜ ମହାନ୍ତ, ଜା. କୁଡୁମି, |
| | 263 | 5.80 | 0.27 | ଡାହି ଏକ | ବା. ଗଡିଗାଁ । |
| 30 ରୟତି | 216 | 0.23 | 0.04 | ଡାହି ଏକ | ସୀତାନାଥ ମହାନ୍ତ, ବଳରାମ ମହାନ୍ତ, ହରିହର ମହାନ୍ତ, |
| | 217 | 0.21 | 0.04 | ଡାହି ଏକ | ସୁରୁ ମହାନ୍ତ, ପି. ଲାଲ ମୋହନ ମହାନ୍ତ, ବତୀ ମହାନ୍ତ, |
| | 223 | 0.21 | 0.04 | ଡାହି ଏକ | ସ୍ୱା. ଲାଲ ମୋହନ ମହାନ୍ତ, ଚୁନାରାମ ମହାନ୍ତ, ଭାଗବତ |
| | 241 | 0.76 | 0.30 | ଡାହି ଏକ | ମହାନ୍ତ, ଯଦୁ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି. ହଲା ମହାନ୍ତ, |
| | 245 | 0.63 | 0.46 | ଡାହି ଏକ | ଜା. କୁଡୁମି, ବା. ଭୋଳାଗଡିଆ । |
| 32/6 ରୟତି | 215 | 0.24 | 0.04 | ଡାହି ଏକ | ଜଗନ୍ନାଥ ମହାନ୍ତ, ପି. ଗିରିଶ ଚନ୍ଦ୍ର ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 32/18 ରୟତି | 251 | 0.61 | 0.01 | ଡାହି ଏକ | ଡକ୍ଟର ଚନ୍ଦ୍ର ମହାନ୍ତ, ପି. ଭରତ ଚନ୍ଦ୍ର ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 32/19 ରୟତି | 224 | 0.19 | 0.04 | ଡାହି ଏକ | ଗିରିଶ ଚନ୍ଦ୍ର ମହାନ୍ତ, ପି. ରାଜେନ୍ଦ୍ର ନାଥ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| 32/22 ରୟତି | 262 | 0.61 | 0.26 | ଡାହି ଏକ | ସୁରେନ୍ଦ୍ର ମହାନ୍ତ, ପି. ମହେଶ୍ୱର ମହାନ୍ତ, ଜା. କୁଡୁମି କ୍ଷତ୍ରିୟ, ବା. ନିଜଗାଁ |
| 32/30 ରୟତି | 260 | 1.82 | 1.65 | ଡାହି ଏକି | ବସନ୍ତ କୁମାର ସେନାପତି, ପି. ଶ୍ରୀପତି ସେନାପତି, ଜା. ରାଜୁ, ବା. ସୁଷାମାରୀ । |

## ସମପରିମାଣର ଗୋଚର ପ୍ରତିବଦଳି

| | | | | | |
|---|---|---|---|---|---|
| 25 ରୟତି | 263 | . . | 0.96 | ଡାହି ଏକି | ସାନରାମ ମହାନ୍ତ, ପି. ଦୁବୁରାଜ ମହାନ୍ତ, ଜା. କୁଡୁମି, ବା. ଗଡିଗାଁ |
| | ମୋଟ . . | 20.41 | 8.62 | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2014—173+20